## ରାଜସ୍ଥାନରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, (ଡି.ଏନ୍.ଏ): ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ ସୁନାଦେଇପେଣ୍ଠ ଗ୍ରାମର ଜଣେ ଶ୍ରମିକଙ୍କ ରାଜସ୍ଥାନରେ ମୃତ୍ୟୁ ଘଟିଛି। ସେ ହେଲେ ସୁରେନ୍ ପଟ୍ଟନାୟକ(୩୫)। ସୁରେନ୍ ରାଜସ୍ଥାନର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସୁରେନ୍‌ଙ୍କ ସହ ସ୍ତ୍ରୀ ରହୁଥିବା ବେଳେ ଦ୍ୱିତୀୟ ସନ୍ତାନ ଜନ୍ମ ହେବ ବୋଲି ଖବର ପାଇ ଗ୍ରାମରେ ଥିବା ପରିବା ଲୋକେ ରାଜସ୍ଥାନ ଯାଇଥିଲେ। ସେଠାରେ ସୁରେନ୍‌ଙ୍କ ସ୍ତ୍ରୀ ଦ୍ୱିତୀୟ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ହେଲେ ଗତ ଶୁକ୍ରବାର ହଠାତ୍ ହୃଦଘାତରେ ସୁରେନ୍‌ଙ୍କ ମୃତ୍ୟୁ ଘଟିଥିଲା ବୋଲି ପରିବାର ବର୍ଗ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୫।୫:** ସ୍ତ୍ରୀ ସହ ଝଗଡା କରି ଶେଷରେ ବୁଧବାର ସକାଳେ ବିଷପାନ କରିଥିଲେ ସ୍ୱାମୀ। ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୦ ଟା'ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣଙ୍କ ଏମ୍.କୈଳାସ ପାତ୍ର (୫୪) ଓ ତାଙ୍କ ଘର ସଦର ଥାନା ଅନ୍ତର୍ଗତ ଲୋଚାପଡା କାଲୁଆନଗର ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ.୨୩/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୈଳାସ ଏକ କୁକୁଡ଼ା ଫାର୍ମ କରିଛନ୍ତି। କୌଣସି କାରଣକୁ କେନ୍ଦ୍ର କରି ବୁଧବାର ସକାଳେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୈଳାସ ବିଷପାନ କରିଥିଲେ।

### ପୋଲିସର କଡ଼ାକଡ଼ି ଯାଞ୍ଚ

**ରାଇକିଆ,୫।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା ରାଇକିଆ ବ୍ଲକରେ ଲକ୍‌ଡାଉନ୍‌ର ପ୍ରଥମ ଦିନର ପ୍ରଭାବ ଦେଖିବାକୁ ମିଳିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ିଦେଲେ ସମସ୍ତ ପ୍ରକାର ଦୋକାନ ବଜାର ବନ୍ଦ ରହିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବିଶେଷ କରି ଯାନବାହନ ଚଳାଚଳ ଉପରେ ପୂରା ରୋକ୍ ଲଗାଯାଇଛି। ବିଡିଓ ପ୍ରବୀଣ କୁମାର ବାଣୁଆ, ଥାନାଧିକାରୀ ତରୁଣ ତପନ ବେହେରା, ଅତିରିକ୍ତ ତହସିଲଦାର ଅକ୍ଷୟ ଟୁଡୁ ସ୍ଥିତି ଅନୁଧ୍ୟାନ କରିବା ସହ ଲକ୍‌ଡାଉନ ନିୟମ କଡ଼ାକଡ଼ି ପାଳନ ପାଇଁ ଲୋକଙ୍କୁ ସଚେତନ କରିଥିଲେ।

### ୨ ଦୋକାନ ସିଲ୍ କଲେ ଉପଜିଲାପାଳ

**ବୁଗୁଡ଼ା,୫।୫(ଡି.ଏନ.ଏ.):** ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ବୁଗୁଡ଼ା ଗସ୍ତରେ ଆସିଥିବା ବେଳେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ସହରର ୨ ଦୋକାନକୁ ସିଲ୍ କରିଥିଲେ। ବୁଦ୍ଧଖୋଲ ଛକରେ ଏକ ତେଜରାତି ଦୋକାନ ମଧ୍ୟାହ୍ନ ୧୨ଟାପରେ ଖୋଲିଥିବାରୁ ଉପଜିଲାପାଳ ଉକ୍ତ ବ୍ୟବସାୟୀଙ୍କୁ ତାଗିଦ କରିବା ସହ ୭ ଦିନ ପାଇଁ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତ୍ରିନାଥ ମନ୍ଦିର ନିକଟରେ ଏକ ଜେନେରାଲ ଷ୍ଟୋର ଦୋକାନ ବେନିୟମ ଭାବେ ଖୋଲାଯାଇଥିବା ଯୋଗୁ ତାକୁ ମଧ୍ୟ ସିଲ୍ କରାଯାଇଥିଲା।

### ଅମାନିଆଙ୍କୁ ଜରିମାନା

**ଆସିକା,୫।୫(ଡି.ଏନ.ଏ.):** ଲକ୍‌ଡାଉନ ପରିସ୍ଥିତିରେ ବୁଧବାର ଆସିକା ସହରରେ ପୋଲିସ ପଇଁତରା କଡ଼ାକଡ଼ି କରିଛି। ଆସିକା ସହରର ବିଜୁପଟ୍ଟନାୟକ ଛକ, ପାକଲାପଲ୍ଲୀ ଛକରେ ମୁଖ୍ୟରାସ୍ତାରେ ବ୍ୟାରିକେଡ୍ କରାଯାଇ ପୋଲିସ ଧରପଗଡ କରାଯାଇଛି। ମଧ୍ୟାହ୍ନରେ ବିଡିଓ ରୋସନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ବେପରୁଆଙ୍କୁ ତାଗିଦ କରିଥିଲେ। ଏହି ଅବସରରେ ବେପରୁଆଙ୍କଠାରୁ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୋଲିସ ପକ୍ଷରୁ ସହରାଞ୍ଚଳରେ ୫୦ଜଣ ଭିକ୍ଷୁକ, ନିରାଶ୍ରିତ ଓ ଅସହାୟଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ବଣ୍ଟନ କରାଯାଇଥିଲା।

### ମଦ ଜବତ, ୩ ଗିରଫ

**ଆର.ଉଦୟଗିରି,୫।୫(ଡି.ଏନ.ଏ.):** ମଙ୍ଗଳବାର ଖୋଲା ଯାଇଥିବା ନୂତନ ମଦ ଦୋକାନ ମହେନ୍ଦ୍ରଗଡ଼ରୁ ଗଞ୍ଜାମ ଜିଲା ତୁରୁବୁଡି ଅଞ୍ଚଳକୁ ବିଦେଶୀ ମଦ ଚାଲାଣ ହୋଇଥିଲା। ଆର.ଉଦୟଗିରି ପୋଲିସ ପାଟ୍ରୋଲିଂ ବେଳେ ଉକ୍ତ ଗାଡ଼ି (ନଂ ଓଡ଼ି୦୭ଏଜି୨୨୧୧)କୁ ଅଟକାଇ ୨୩ ପେଟି ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭୋଜି ଆୟୋଜକଙ୍କୁ ଜରିମାନା

**ଦିଗପହଣ୍ଡି,୫।୫(ଡି.ଏନ.ଏ.):** ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ରାସ୍ତା କଡ଼ରେ ପରିବା ବ୍ୟବସାୟୀ, ଉଠା ଦୋକାନୀମାନଙ୍କୁ ତହସିଲଦାର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ରାଜସ୍ୱ ନିରୀକ୍ଷକ ଅକ୍ଷୟ କୁମାର ମଲ୍ଲିକ, ସରସ୍ୱତୀ କଁଅର ପ୍ରମୁଖ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ସଦସ୍ୟମାନେ କୋଭିଡ ନିୟମ ପାଳନ ନକଲେ ଦୋକାନ ବନ୍ଦ ହେବ ବୋଲି ତାଗିଦ କରିଥିଲେ। ଦେଓଖାଲି ଗାଁ ଛକରେ ଥିବା ଏକ ହୋଟେଲରେ ଲୋକେ ଗହଳି କରିଥିବା ବେଳେ ତହସିଲଦାର ପହଞ୍ଚି ହୋଟେଲକୁ ସିଲ୍ କରିଥିଲେ। ସେହିପରି ବୋମକେଇ ଗାଁରେ ଚାଲିଥିବା ଗୃହପ୍ରବେଶ ଭୋଜିକୁ ବନ୍ଦ କରାଯିବା ସହ ଭୋଜି ଆୟୋଜକଙ୍କ ଠାରୁ ୧୦ ହଜାର ଟଙ୍କା ଆଦାୟ କରାଯାଇଛି।

# କଟକଣା ମାନିଲେନି: ଗଡ଼ିଲା ଅଟୋ, ବସ୍

**ବ୍ରହ୍ମପୁର ଅଫିସ୍,୫।୫**

କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ବୁଧବାରଠାରୁ ଆରମ୍ଭ ହୋଇଛି ୧୪ ଦିନିଆ ଲକ୍‌ଡାଉନ୍। ଯାହାକୁ ନେଇ ବ୍ରହ୍ମପୁର ମହାନଗରରେ ବି ଲକ୍‌ଡାଉନ୍‌ର ବିଶେଷ ପ୍ରଭାବ ପଡ଼ିଛି। ମଧ୍ୟାହ୍ନ ୧୨ଟା ପରେ ସାରା ସହର ଜନଶୂନ୍ୟ ହୋଇପଡିଛି। କିନ୍ତୁ ଲକ୍‌ଡାଉନ୍‌ର ପ୍ରଥମ ଦିନରେ ମହାନଗରରେ କଟକଣା କୋହଳ ହୋଇଛି। ଫଳରେ ସହରବାସୀ ମନମୁଖି ଭାବେ ବିନା କୌଣସି କାମରେ ଅନାୟାସରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏଥିସହ ବ୍ୟବସାୟୀଙ୍କ କ୍ଷେତ୍ରରେ ପଞ୍ଚସୂତ୍ରୀ ନିୟମ ପାଳନ ପାଇଁ କଡ଼ାକଡ଼ି କରାଯାଇଛି। ତତ୍‌ସହିତ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଜନସାଧାରଣ ମଧ୍ୟ ଚାଲି ଚାଲି ଯାଇ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ସହରବାସୀ ଲକ୍‌ଡାଉନ୍‌ର ପ୍ରଥମ ଦିନରୁ ହିଁ ପ୍ରଶାସନର ସମସ୍ତ କଟକଣାକୁ ଫୁ କରି ବାଇକ୍ ଯୋଗେ ବିଭିନ୍ନ ଭେଣ୍ଡିଂ ଜୋନ୍, ରାସ୍ତା ପାର୍ଶ୍ୱ ପରିବା ଦୋକାନ ଓ ମାଛ ମାଂସ ଦୋକାନଗୁଡ଼ିକରେ ଭିଡ଼ ଜମାଇଥିଲେ। ଫଳରେ ବହୁ ବ୍ୟବସାୟୀ ଭେଣ୍ଡିଂ ଜୋନ୍ ବାହାରେ ବ୍ୟବସାୟ କରୁଛନ୍ତି। ଅନ୍ୟପଟେ ଲକ୍‌ଡାଉନ୍ ସମୟରେ ବସ୍ ଓ ଅଟୋରିକ୍ସା ଯାତାୟାତ ଉପରେ କଟକଣା ଜାରି କରାଯାଇଛି।



ସିଟି ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍‌ରେ ଯାତ୍ରୀଙ୍କ ଯାତାୟାତ।

କିନ୍ତୁ ଲକ୍‌ଡାଉନ୍‌ର ପ୍ରଥମ ଦିନରେ ମହାନଗରରେ ବହୁ ଘରୋଇ ବସ୍ ଏବଂ ଅଟୋରିକ୍ସା ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ବହୁ ଅଟୋରିକ୍ସା ଚାଳକ କଟକଣାକୁ ଖାତିର ନ କରି ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ବସାଇ ଯାତ୍ରା କରିଥିଲେ। ସେହିପରି ଘରୋଇ ବସ୍ ମଧ୍ୟ କଟକଣାକୁ ବେଖାତିର୍ କରି ଯାତ୍ରୀଙ୍କଠାରୁ ମୋଟା ଅଙ୍କର ଭଡ଼ା ଆଦାୟ କରୁଥିବା ଅଭିଯୋଗ ହୋଇଛି। ବିଶେଷକରି ସହରର ସିଟି ବସ୍ ଷ୍ଟାଣ୍ଡଠାରେ ସୁରଟ ସମେତ ଜିଲା ବାହାରୁ ଆସିଥିବା ବହୁ ଯାତ୍ରୀଙ୍କଠାରୁ ମୋଟା ଅଙ୍କର ଭଡ଼ା ନେଇ ବସ୍‌ରେ ଯାତ୍ରା କରାଇଥିଲେ। ଆଗାମୀ ଦିନରେ ଯଦି ବସ୍ ଓ ଅଟୋ ଚାଳକଙ୍କ ଏଭଳି ମନମୁଖି ନୀତି ଲାଗି ରୁହେ ତେବେ ଜିଲା କରୋନା ସଂକ୍ରମଣ ବୃଦ୍ଧି ପାଇବା ନେଇ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ସେହିପରି ଲକ୍‌ଡାଉନ୍ ସମୟରେ ବଜାରରେ ଆଳୁ ଓ ପିଆଜ ସାମଗ୍ରୀର ଅଭାବ ଦେଖିବାକୁ ମିଳିଛି। ଫଳରେ ବୁଧବାର ପୂର୍ବାହ୍ନରୁ ହିଁ ବଡ଼ ବଜାର ଅଞ୍ଚଳରେ ରହିଥିବା ଆଳୁ, ପିଆଜ ହୋଲ୍‌ସେଲ୍ ଦୋକାନ ସମ୍ମୁଖରେ ବହୁ ଖୁଚୁରା ବ୍ୟବସାୟୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ବଜାରରେ ଆଳୁ ୫୦ କେଜି ପିଛା ୭୦୦ରୁ ୭୫୦ ଟଙ୍କା ରହିଛି। ପୂର୍ବରୁ ୬୦୦ ଟଙ୍କା ରହିଥିଲା। ସେହିପରି ପିଆଜ ଦର ମଧ୍ୟ ବୃଦ୍ଧି ପାଇଛି। ପିଆଜ ୫୦ କେଜି ପିଛା ୧୨୦୦ରୁ ୧୭୦୦ ଟଙ୍କା ରହିଛି। ପୂର୍ବରୁ ୭୫୦ ଟଙ୍କା ରହିଥିଲା। କିନ୍ତୁ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୨୨ରୁ ୨୪ ବିକ୍ରି ହେଉଥିବା ବେଳେ ପିଆଜ କିଲୋ ପିଛା ୨୫ ଟଙ୍କା ରହିଛି। ଏଣୁ ଆଳୁ ପିଆଜ ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି କ୍ଷେତ୍ରରେ ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଗଜପତିରେ ପୁଣି ୧୧୭ ସଂକ୍ରମିତ, ୩ ମୃତ

**ପାରଳାଖେମୁଣ୍ଡି,୫।୫(ଡି.ଏନ୍.ଏ.)**

**ମଧ୍ୟାହ୍ନରୁ ଶୂନଶାନ ସହର**

ରାଜ୍ୟରେ ବୁଧବାରଠାରୁ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ଗଜପତି ଜିଲାରେ ମଧ୍ୟ ଲକ୍‌ଡାଉନ କଡାକଡ଼ି କରାଯାଇଛି। ମଧ୍ୟାହ୍ନ ୧୨ଟା ପରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲା ଶୂନଶାନ ହୋଇପଡିଥିଲା। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଛି। କରୋନା ସଂକ୍ରମଣରେ ବ୍ରେକ୍ ଲଗାଇବା ପାଇଁ ସରକାର ଆସନ୍ତା ୧୯ ତାରିଖ ଯାଏ ଲକ୍‌ଡାଉନ୍ ଜାରି କରିଛନ୍ତି। ଜିଲାବାସୀ ଏହାକୁ ଅନୁପାଳନ କରିବାକୁ ଜିଲାପାଳ ଅନୁପମ ସାହା ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଛନ୍ତି। ଜିଲାର ଆର୍.ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ୧୧୨ ଶଯ୍ୟା ରହିଥିବା ବେଳେ ସେଠାରେ ୪୯ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଅନ୍ୱେଶା କୋଭିଡ କେୟାର ସେଣ୍ଟରରେ ୨୮୦ ଶଯ୍ୟା ଥିବାବେଳେ ୭୪ ଜଣ, ଚନ୍ଦ୍ରଗିରି ଅନ୍ତର୍ଗତ କାଳିଆପେଟା ଆଇଟିଆଇ କୋଭିଡ୍ କେୟାର ସେଣ୍ଟରରେ ୭୦ ଶଯ୍ୟା ରହିଥିବା ବେଳେ ସେଠାରେ ୧୯ ଜଣ ରୋଗୀ ଅଛନ୍ତି। ଅନ୍ୟ ୮୦୮ ଜଣ ହୋମ ଆଇସୋଲାଶନରେ ଅଛନ୍ତି।

ଗଜପତି ଜିଲାରେ ପୁଣି ୧୧୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବୁଧବାର ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରର ଜଣେ ମହିଳା, ଗୋଷାଣି ବ୍ଲକର ଜଣେ ଯୁବକ ଏବଂ କାଶୀନଗର ବ୍ଲକର ଜଣେ ମହିଳା ଅଛନ୍ତି। ଜିଲାରେ ମଙ୍ଗଳବାର ୫୮୬ ଜଣ କରୋନା ପରୀକ୍ଷା କରାଇଥିଲେ ସେଥିମଧ୍ୟରୁ ପଜିଟିଭ ଚିହ୍ନଟ ୧୧୭ ଜଣଙ୍କ ମଧ୍ୟରେ ପାରଳାରୁ ସର୍ବାଧିକ ୪୧, ଗୋଷାଣି ବ୍ଲକରୁ ୧୯, ଗୁମ୍ମା ବ୍ଲକରୁ ୫, କାଶୀନଗର ବ୍ଲକରୁ ୧୬, ମୋହନା ବ୍ଲକରୁ ୧୬, ନୂଆଗଡର ୫, ରାୟଗଡ ବ୍ଲକର ୬, ଆର୍. ଉଦୟଗିରି ବ୍ଲକରୁ ୫ ଏବଂ ଆନ୍ଧ୍ରପ୍ରଦେଶର ୪ ଜଣ ଅଛନ୍ତି ।



ପାରଳାଖେମୁଣ୍ଡି ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି।

## ଖଟିଆରେ ବୁହାହେଲା ମୃତଦେହ



ମୃତଦେହ ଖଟିଆରେ ବୋହି ଘରକୁ ନିଆଯାଉଛି।

**ଖଜୁରିପଡ଼ା,୫।୫(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ଗଞ୍ଜୁଗୁଡ଼ା ଗ୍ରାମର ଧନମତି ମଲିକ(୭୦)ଙ୍କ ବୁଧବାର ସ୍ଥାନୀୟ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ମୃତଦେହ ଘରକୁ ପଠାଇବା ପାଇଁ ଉକ୍ତ ମେଡିକାଲ ପକ୍ଷରୁ ୫ ହଜାର ଟଙ୍କା ମାଗିବାରୁ ମୃତକଙ୍କ ପରିବାର ଲୋକେ ଖଟିଆରେ ୩ କିଲୋମିଟର ମୃତଦେହ ବୋହି ଆଣିଥିବା ଅଭିଯୋଗ କରିଛନ୍ତି।

ଧନମତି ଛେଳି ଚରାଇବାକୁ ଯାଇଥିଲେ। ଫେରିଲା ବେଳେ ହଠାତ ନିଜ ଘର ସମ୍ମୁଖରେ ପଡିଯାଇଥିଲେ। ତାଙ୍କୁ ଖଜୁରିପଡ଼ା ଡାକ୍ତର ଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିବାକୁ ନ ପଠାଇ ଛାଡିଦେଇଥିଲେ। ମୃତକଙ୍କ ପୁଅମାନେ ଡାକ୍ତରଖାନାର କର୍ମଚାରୀଙ୍କୁ ଗାଡ଼ି ଯୋଗେ ମୃତଦେହ ଘରକୁ ଛାଡି ଦେବାକୁ ଅନୁରୋଧ କରିଥିଲେ କିନ୍ତୁ ସେମାନେ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଛାଡ଼ିବାକୁ ମାନକରିଥିଲେ। ଏ ସମ୍ପର୍କରେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀଙ୍କ ନିମାଇଁ ଚରଣ ବିଶିଙ୍କ ପ୍ରତିକ୍ରିୟା ନେବାରୁ ଆମ୍ବୁଲାନ୍ସରେ କେଉଠୁଁ ଆଣିଲେ ଆମେ ଜାଣି ନାହୁଁ, ଚିକିତ୍ସାରେ କୌଣସି ରେକର୍ଡ ମେଣ୍ଟେନ୍ସ କରିନାହୁଁ। ୧୦୮ଗାଡ଼ି ଚାଲି ଗଲା ପରେ ସେମାନେ ଖଟିଆରେ ମୃତଦେହ ବୋହି ନେଇଗଲେ ବୋଲି ସେ ପ୍ରକାଶ କରିଛନ୍ତି।

## ଜିଲା ପ୍ରଶାସନ ନିର୍ଦ୍ଦେଶରେ ଖୋଲିଲା ସିସିସି

**ବେଗୁନିଆପଡ଼ା,୫।୫(ଡି.ଏନ.ଏ.)**

ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବେଗୁନିଆପଡ଼ା ବ୍ଲକ ରାଗପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖୋଲାଗଲା କୋଭିଡ୍ କେୟାର ସେଣ୍ଟର (ସିସିସି)। ଏହି ସେଣ୍ଟରରେ ୧୬୦ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ବୁଧବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା ଉକ୍ତ କେନ୍ଦ୍ରକୁ ଯାଇ ସମସ୍ତ ବିଷୟ ସମୀକ୍ଷା କରିଥିଲେ। ବିଧାୟିକାଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ଦୁଇ ଗୋଟି ଅମ୍ଳଜାନ ସୃଷ୍ଟି ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ୨୦ ଅକ୍ସିଜେନ ସିଲିଣ୍ଡର ଯୋଗାଇବା ପାଇଁ ଜିଲାକୁ ଅନୁରୋଧ କରାଯାଇଛି। ଜଣେ ଡାକ୍ତରଙ୍କ ସହ ଅନେକ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଞ୍ଚଳର କରୋନା ଚିହ୍ନଟ ବ୍ୟକ୍ତି ମେଡିକାଲକୁ ରେଫର ହେଲେ ସେମାନେ ଏହି କେନ୍ଦ୍ରରେ ରହି ସମସ୍ତ ସୁବିଧା ପାଇ ପାରିବେ ବୋଲି ବିଡିଓ ବେଦବର ପ୍ରଧାନ କହିଛନ୍ତି।

## ବ୍ରହ୍ମପୁର ମଣ୍ଡଳ କାରାଗାରରେ ଗ୍ୟାଙ୍ଗଷ୍ଟର ଟିଟୋ

**ବ୍ରହ୍ମପୁର ଅଫିସ,୫।୫**

ଦୁର୍ଦ୍ଦାନ୍ତ ଅପରାଧୀ ତଥା ଗ୍ୟାଙ୍ଗ୍‌ଷ୍ଟର୍ ସୟଦ୍ ଉସ୍ମାନ ଅଲ୍ଲୀ ଓରଫ୍ ଟିଟୋଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ କଡ଼ା ସୁରକ୍ଷା ବଳୟରେ ଭୁବନେଶ୍ୱର କମିସନରେଟ୍ ପୋଲିସର ଏକ ଟିମ୍ ଝାରପଡ଼ା ଜେଲରୁ ମଙ୍ଗଳବାର ରାତିରେ ବ୍ରହ୍ମପୁର ଆଣିଛନ୍ତି। ଟିଟୋ ନାଁରେ ବହୁ ସଙ୍ଗିନ ମାମଲା ରହିଛି। ସେ ଗିରଫ ହୋଇ ଝାରପଡ଼ା ଜେଲରେ ଥିଲେ। ସୁରକ୍ଷା ଦୃଷ୍ଟିରୁ ଟିଟୋଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଟିଟୋ ବର୍ତ୍ତମାନ ମଣ୍ଡଳ କାରାଗାରରେ କଡ଼ା ସୁରକ୍ଷାରେ ଥିବା ଅଧୀକ୍ଷକ ଗରିବ ସାହୁ ସୂଚନା ଦେଇଛନ୍ତି।

## ଗଞ୍ଜାମରେ ୧୬୦୪ ସକ୍ରିୟ କରୋନା ରୋଗୀ

**ଛତ୍ରପୁର,୫।୫(ଡି.ଏନ.ଏ)**

- ଛତ୍ରପୁର ସବ୍‌ଜେଲ୍‌ର ୪ ଅନ୍ତେବାସୀ ସଂକ୍ରମିତ
- କରୋନା ଆକ୍ରାନ୍ତ ଆସିଷ୍ଟାଣ୍ଟ ଜେଲରଙ୍କ ମୃତ୍ୟୁ

ଗଞ୍ଜାମ ଜିଲାରେ ଆଉ ୩୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୧୭ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏବେ ଜିଲାରେ ୧୬୦୪ ଜଣ ସକ୍ରିୟ କରୋନା ରୋଗୀଙ୍କ ଚିକିତ୍ସା ଚାଲିଛି। ଜିଲାରେ ମଙ୍ଗଳବାର ୨,୨୦୪ ଜଣଙ୍କର କରୋନା ଟେଷ୍ଟ ହୋଇଥିଲା।

ଛତ୍ରପୁରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ କରୋନା ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ସବ୍‌ଜେଲ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ସବ୍‌ଜେଲ୍‌ରେ ୧୨୭ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଆକ୍ରାନ୍ତ ୨ ପୁରୁଷ ଅନ୍ତେବାସୀ ସିଟି ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ମହିଳା ଅନ୍ତେବାସୀଦ୍ୱୟ ଜେଲରେ ସଙ୍ଗରୋଧରେ ରହିଥିବା ଜେଲରଙ୍କ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ କରୋନା ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଆସିଷ୍ଟାଣ୍ଟ ଜେଲର ଲମ୍ବୋଧର ଭୋଇଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ କରୋନା ଟିକାର ଦୁଇଯାକ ଡୋଜ ନେଇଥିଲେ ବି ସଂକ୍ରମିତ ହୋଇଥିଲେ।

ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ସାମାଜିକ ଦୂରତା ଓ କୋଭିଡ୍ ନିୟମ ଉଲ୍ଲଂଘନ ଯାଞ୍ଚ କରାଯାଇ ୩୦ଟି ଦୋକାନକୁ ସିଲ୍ କରାଯାଇଛି। ଏଥିସହ ୯,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ମାସ୍କ, ସାମାଜିକ ଦୂରତା ଓ ଗାଡି ଯାଞ୍ଚ କରାଯାଇ ଗଂଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ୩ ଲକ୍ଷ ୧୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସପି ବ୍ରିଜେଶ କୁମାର ରଏ ବୁଧବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

## ସ୍ୱାମୀ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ସ୍ତ୍ରୀ ଆଖିବୁଜିଲେ

**ବୁଗୁଡ଼ା,୫।୫(ଡି.ଏନ.ଏ.)**

ବୁଗୁଡ଼ା ଥାନା ଚିରିକିପଡା ଗ୍ରାମର ପଞ୍ଚୁ ପ୍ରଧାନ (୬୦)ଙ୍କର ମଙ୍ଗଳବାର ରାତିରେ ପୋଲସରା ମେଡିକାଲରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ବୁଧବାର ଅପରାହ୍ନରେ ସ୍ତ୍ରୀ ସବିତା ପ୍ରଧାନ (୫୦)ଙ୍କ ମୃତ୍ୟୁ ଘଟିଛି। ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ ପହଞ୍ଚି ସବିତାଙ୍କ ମୃତଦେହ ଉଠାଇବା ପାଇଁ ବିଡ଼ିଓ ତନ୍ମୟ ପାତ୍ରଙ୍କ ସହ ଯୋଗାଯୋଗ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପୁଅ ଚିତ୍ରସେନଙ୍କୁ ମଧ୍ୟ ଗୁରୁତର ଅବସ୍ଥାରେ ପୋଲସରା ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ପରିବାର ଏବଂ ପଡ଼ୋଶୀ ମଧ୍ୟ ଜ୍ୱରରେ ପୀଡିତ ଅଛନ୍ତି। ଖବରପାଇ ବୁଗୁଡ଼ା ମେଡିକାଲ ଟିମ ଗ୍ରାମରେ ପହଞ୍ଚିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭାଶିଷ ପାଣିଗ୍ରାହୀ କହିଛନ୍ତି ମେଡିକାଲ ଟିମ୍ ସେଠାକୁ ଯାଇଛନ୍ତି। ସେମାନେ ଫେରିଲେ କାରଣ ଜଣାପଡିବ।

## ପରିବା ଚାଷୀ ହନ୍ତସନ୍ତ

**କାଶୀନଗର,୫।୫(ଡି.ଏନ.ଏ.)**

କରୋନାର ଦ୍ୱିତୀୟ ଲହର ଗଜପତି ଜିଲା, କାଶୀନଗର ବ୍ଲକ ଓ ସହରରେ ପଜିଟିଭ ସଂଖ୍ୟା ଶତକ ପାର କରୁଥିବା ବେଳେ ଏଠାରେ କୌଣସି ନୋଡାଲ ଅଧିକାରୀ ନାହାନ୍ତି। ଚିକିତ୍ସା କେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ନାହାନ୍ତି। ଅନ୍ୟ ଡାକ୍ତରମାନେ ପାରଳାଖେମୁଣ୍ଡିରୁ ଯିବା ଆସିବା କରନ୍ତି। ଡାକ୍ତରଖାନାରେ ଚିକିତ୍ସା ସହ କରୋନା ମୁକାବିଲା ବାଟବଣା। ବର୍ତ୍ତମାନ ସୀମାନ୍ତ ନାକାଗେଟ ଜଗିବା ନିହାତି ଜରୁରୀ। ନାକା ଗେଟରେ ଶିକ୍ଷକମାନଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବାକୁ ସରକାରୀ ଚିଠି ଅଛି କିନ୍ତୁ ଦାୟିତ୍ୱ ଆଦେଶ ଦେବାକୁ ବ୍ଲକ ଅଧିକାରୀ ନାହାନ୍ତି। ତେଣୁ ନାକାଗେଟ ଫାଙ୍କା। କରୋନା ପନିପରିବା ଚାଷୀ ଓ ବ୍ୟବସାୟୀଙ୍କ ଉପରେ ଘୋର ପ୍ରଭାବ ପକାଇଛି। ଏଠାରେ ସମସ୍ତ ପରିବା ଆଦାୟ ହୋଇ ଚାଷୀ ବାହାରକୁ ପଠାଉଥିଲା। କିନ୍ତୁ ଲକଡାଉନ ଯୋଗୁ ପରିବା ବିକ୍ରି ନ ହୋଇ ପଡ଼ି ରହିଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି।

## କ୍ୱାକ୍ ଭରସାରେ ଜୀବନ ଯାଉଛି

**ଭଞ୍ଜନଗର,୫।୫(ଡି.ଏନ.ଏ.)**

ଭଞ୍ଜନଗର ଉପଖଣ୍ଡର ଭଞ୍ଜନଗର, ଗାଳେରି, ବେଲଗୁଣ୍ଠା, ସୋରଡ଼ା, ବୁଗୁଡ଼ା, ବାଲିପଦର, ଜଗନ୍ନାଥପ୍ରସାଦ, ଗୋବରା, ଗାଙ୍ଗପୁର, କୁଲାଡ଼, ବରଗାଁ ଆଦି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ଦୁର୍ବଳ ରହିଛି। ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ କରୋନା ଆତଙ୍କ ଲାଗି ରହିଥିବା ବେଳେ କିଛି ଲୋକ ଅସୁସ୍ଥ ଅନୁଭବ କଲେ ପ୍ରଥମେ କ୍ୱାକ୍ ପାଖକୁ ଯାଉଛନ୍ତି। ସ୍ୱାସ୍ଥ୍ୟ ଗୁରୁତର ହେଲେ ମେଡ଼ିକାଲକୁ ଯାଉଥିବାରୁ ରୋଗୀଙ୍କୁ ବଞ୍ଚାଇବା କଷ୍ଟକର ହୋଇପଡୁଛି। ଭଞ୍ଜନଗର ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ ଏଭଳି ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବିଭିନ୍ନ ରୋଗରେ ମୃତ୍ୟୁ ଘଟିଲାଣି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରି ହୋଇପଡ଼ିଛି। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଅବସରପ୍ରାପ୍ତ କର୍ମଚାରୀ ରମେଶ ପାତ୍ର ବୁଧବାର ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ, ଲୋକେ କରୋନାଠାରୁ ମେଡ଼ିକାଲକୁ ଅଧିକ ଭୟ କରୁଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏହି ଭୟ ଦୂର କରିପାରିବେ ବୋଲି ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ମଙ୍ଗଳବାର ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ସର୍ବାଧିକ ୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାରଠାରୁ ଲକ୍‌ଡ଼ାଉନ ଆରମ୍ଭ ହୋଇଥିବା ବେଳେ ଲୋକେ ଯେଭଳି ନିୟମ ମାନି ଚଳିବେ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ବୁଧବାର ଭଞ୍ଜନଗର, ବେଲଗୁଣ୍ଠା ଓ ବୁଗୁଡ଼ା ଏନ୍‌ଏସିର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସହର ମୁଖ୍ୟରାସ୍ତା ନିର୍ମାଣ ସରୁନି, ବଢ଼ୁଛି ଅସନ୍ତୋଷ

**ପାରଳାଖେମୁଣ୍ଡି,୫।୫(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରାଯାଉଥିଲେ ମଧ୍ୟ ଅବଧି ପରେ ବି କାମ ସମ୍ପୂର୍ଣ୍ଣ ହୋଇପାରୁନି। ୨୦୧୮ ଏପ୍ରିଲରୁ ପାରଳା ସହରର ଫରେଷ୍ଟ ଗେଟ ଛକଠାରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ପ୍ରାୟ ୪.୫ କି.ମି. ରାସ୍ତାର କାର୍ଯ୍ୟାରମ୍ଭ ହୋଇଥିଲା। ଏଥିପାଇଁ ୧୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୧୯ ଏପ୍ରିଲରେ କାର୍ଯ୍ୟଶେଷ ହେବା କଥା। ହେଲେ ଏ ଯାଏ ଉକ୍ତ କାର୍ଯ୍ୟ ସରିଲାନି। ସେହିପରି ମେଡିକାଲ ଛକଠାରୁ ପୁରୁଣା କୋର୍ଟ ଛକ ପର୍ଯ୍ୟନ୍ତ ପ୍ରାୟ ୨.୭୩ କିମି ସଡକକୁ ୧୧ କୋଟି ଟଙ୍କା ସରକାର ୨୦୧୭-୧୮ ଆର୍ଥିକ ବର୍ଷରେ ମଞ୍ଜୁର କରିଥିଲେ । ଏହାର କାର୍ଯ୍ୟ ୨୦୧୯ ଫେବୃୟାରୀରୁ ଆରମ୍ଭ ହୋଇଥିବା ବେଳେ ତାରିଖ ୨୦୨୦ ଜାନୁୟାରୀ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରାଯିବାର ଥିଲା। ମାତ୍ର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ଅଧାପନ୍ତରିଆ ପଡିରହିଛି। ମୁଖ୍ୟ ରାସ୍ତା ନିର୍ମାଣ କରୁନ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ରାସ୍ତାରେ ପାଣି ଜମି ରହିଛି।

ରାସ୍ତା କାର୍ଯ୍ୟ ସକାଶେ ସକାଶେ ଗତ ନଭେମ୍ବରରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସହରବାସୀ ଏଥିରେ ପ୍ରଶାସନ ଏବଂ ପୋଲିସକୁ ସହଯୋଗ କରିଥିଲେ। ହେଲେ ଏ ଯାଏ କାମ ଆଗକୁ ବଢ଼ିଲାନି କି ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ ବେଳର ମାଟି ପଥର ଉଠିପାରିଲାନି । ଡ୍ରେନଗୁଡ଼ିକରୁ ମଧ୍ୟ ମାଟିଗୋଡି କଢ଼ାଯାଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ପୂର୍ତ୍ତ ବିଭାଗର କେତେଜଣ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ରାସ୍ତା ନିର୍ମାଣ ସରିପାରୁ ନ ଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଖରାପ ହୋଇନଥିବା ସିସି ରାସ୍ତା ଉପରେ ସିସି ରାସ୍ତା କରାଯାଇ ଅର୍ଥ ହଡ଼ପ ହେଉଛି। ଏ ସମ୍ପର୍କରେ ପ୍ରଶ୍ନ କଲେ କୌଣସି ଉତ୍ତର ଦିଆ ନ ଯାଇ ଜନପ୍ରତିନିଧିଙ୍କୁ ଅନ୍ଧକାରରେ ରଖାଯାଉଥିବା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଅଭିଯୋଗ କରିଛନ୍ତି । ଖୁବଶୀଘ୍ର ରାସ୍ତା କାର୍ଯ୍ୟ ନ ସରିଲେ ଗଣଧାରଣା ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

